# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 22nd September - 2024

### News Editor : *Itishree Singh Rathaur*

**********************************

***IPR***

## ମଙ୍କିପକ୍ସ

ରାଜ୍ୟରେ ମଙ୍କିପକ୍ସ ରୋଗର ନିରାକରଣ ନେଇ ଭୁବନଶ୍ୱେର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୂତାଣୁଜନିତ ମଙ୍କିପକ୍ସ ରୋଗକୁ ନେଇ ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି, ରାଜ୍ୟରେ ଏପର୍ଯ୍ୟନ୍ତ ମଙ୍କିପକ୍ସରେ କୌଣସି ବ୍ୟକ୍ତି ସଂକ୍ରମିତ ହୋଇ ନାହାନ୍ତି । ଏହି ରୋଗର ନିରାକରଣ ପାଇଁ ରାଜ୍ୟର ବିଭିନ୍ନ ବିମାନବନ୍ଦରରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସଚେତନ ଓ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ମଙ୍କିପକ୍ସ ରୋଗ ନେଇ ଭୁବନେଶ୍ୱର ଏମ୍‌ସ୍‌ରେ ଲ୍ୟାବ୍ ଟେଷ୍ଟ ବ୍ୟବସ୍ଥା ହୋଇଛି ।

*Keonjhar/R*

# ମୁଖ୍ୟମନ୍ତ୍ରୀ - ଅବସରପ୍ରାପ୍ତ କର୍ମଚାରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି, ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ଜ୍ଞାନ ଓ ଅଭିଜ୍ଞତା ସମାଜ ପାଇଁ ଅମୂଲ୍ୟ ପୁଞ୍ଜି । ଏହି ପୁଞ୍ଜି ଆଗାମୀ ଦିନରେ ସମାଜକୁ ନିଶ୍ଚିତ ରୂପେ ସୁଦୃଢ଼ ଓ ସମୃଦ୍ଧ କରିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ଅଧିକାରୀମାନଙ୍କୁ ସଚେତନ କରାଇବାପାଇଁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ମଣ୍ଡୁଆସ୍ଥିତ ତାଙ୍କ ବାସଭବନରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କ୍ୟାମ୍ପ ଅଫିସ୍‌ର ଉଦ୍‌ଘାଟନ କରିଥିଲେ । ଏହା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପରିଚାଳିତ ହେବ । ଏହି ଅଭିଯୋଗ ପ୍ରକୋଷ୍ଠକୁ ରବିବାର ଏବଂ ସମସ୍ତ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସବୁଦିନ ଖୋଲା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

*IPR*

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏନେଇ ଭୁବନେଶ୍ୱର ୱାଟ୍‌କୋ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଧିକାରୀମାନଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଶୃଙ୍ଖଳିତ ଭାବେ ଜନଶୁଣାଣି ନେଇ ଆଲୋଚନା ହୋଇଥିଲା । ସୂଚନା ଅନୁସାରେ, ଏଥିପାଇଁ ଅନ୍‌ଲାଇନ୍ ମାଧମରେ ଆଗୁଆ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି । ଗତକାଲି ସୁଦ୍ଧା ୮ ଶହ ଜଣ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ।

*PIB*

## ଧର୍ମେନ୍ଦ୍ର - ସାମ୍ବାଦିକତା ପୁରସ୍କାର

ସମାଜର ସକାରାତ୍ମକ ଓ ସଠିକ୍ କଥାକୁ ନିର୍ଭୀକ ଭାବେ ଉପସ୍ଥାପିତ କରିବା ସାମ୍ବାଦିକଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ସାମ୍ବାଦିକତା ପୁରସ୍କାର-୨୦୨୪ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ନିଖୁଣ ଓ ପ୍ରତିଭାବାନ୍ ସାମ୍ବାଦିକମାନଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବା ସମସ୍ତଙ୍କର ଦାୟିତ୍ୱ । ରାଜ୍ୟ ତଥା ଦେଶ ଏବଂ ସମ୍ପୂର୍ଣ୍ଣ ମାନବତାର

କଲ୍ୟାଣପାଇଁ ସମସ୍ତେ ନିଜର ସାମର୍ଥ୍ୟ ଅନୁସାରେ ଦାୟିତ୍ୱ ପାଳନ କରିବା ଏବଂ ଏ ଦିଗରେ ଗଣମାଧ୍ୟମ ଅଗ୍ରଣୀ ଭୂମିକା ନିର୍ବାହ କରିବା ନେଇ ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଆଗାମୀ ପିଢ଼ିର ଯୁବ ସାମ୍ବାଦିକମାନେ ସମାଜରେ ନୂଆ ମାପଦଣ୍ଡ ସୃଷ୍ଟି କରୁନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

***PIB***

# ଧର୍ମେନ୍ଦ୍ର - ନୂଆଖାଇ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ଜୁହାର ନୂଆଖାଇ ପରବ୍-୨୦୨୪ର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ ପ୍ରଖ୍ୟାତ ସଞ୍ଚାର ଶିଳ୍ପୀ ଅଲେଖ ସାହୁଙ୍କୁ ଜୁହାର ସମ୍ମାନ ପ୍ରଦାନ କରିଛନ୍ତି । ସେହିଭଳି ଲୋକନାଟ୍ୟ ଶିଳ୍ପୀ ଭୁବନ ଭୋଇଙ୍କୁ ଜୁହାର ଅଟଳ ସମ୍ମାନ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ସାରା ଦେଶରେ ନୂଆ ପରିଚୟ ସୃଷ୍ଟି କରିଛି । ଏହି ପର୍ବ ଆମର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପାଳନ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଦେଶର ସାଂସ୍କୃତିକ ବିଭବକୁ ସଂରକ୍ଷିତ କରିବା ସହ ବିଶ୍ୱ ସ୍ତରରେ ଯେପରି ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ପ୍ରଚାର ଓ ପ୍ରସାର ହୋଇପାରିବ, ସେ ସମ୍ପର୍କରେ ଉଦ୍ୟମ ଜାରି ରଖିବାକୁ ମତ ଦେଇଥିଲେ ।

*IPR*

# ଜନଜାତି ଉନ୍ନତ ଗ୍ରାମ ଅଭିଯାନ

ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନର ଶୁଭାରମ୍ଭ ପାଇଁ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, ଜନଜାତି ସମ୍ପ୍ରଦାୟର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ଆଦିବାସୀବହୁଳ ଅଞ୍ଚଳରେ ବିକାଶ ହେବ । ଏହା ଉପାନ୍ତ ଅଞ୍ଚଳର ଜନଜାତିମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରି ଆର୍ଥିକ ଭାବେ ସଶକ୍ତ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

*Bhadrak/R*

# ସହିଦ୍ ସ୍ମୃତି ଦିବସ

ଭଦ୍ରକ ଜିଲ୍ଲା ସହିଦ ନଗର ଲୁଣିଆ ଗୁଳିକାଣ୍ଡର ୮୨ତମ ସହିଦ ସ୍ମୃତି ଦିବସ ଆଜି ପାଳିତ ହେଉଛି । ପ୍ରତ୍ୟୁଷରୁ ପ୍ରଭାତ ଫେରି, ତିଳତର୍ପଣ କରାଯିବା ସହ ସମାଧିପୀଠରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ । ସହିଦମାନଙ୍କ ଉଦ୍ଦେଶ୍ୟରେ ପୁଲିସ୍ ପକ୍ଷରୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ୧୯୪୨ ମସିହାରେ ମହାତ୍ମାଗାନ୍ଧିଙ୍କ ଡାକରା ଭାରତଛାଡ଼ ଆନ୍ଦୋଳନରେ ଲୁଣିଆର ୯ ଜଣ ସ୍ୱାଧୀନତା ସଂଗ୍ରାମୀ ଗୁଳିକାଣ୍ଡରେ ସହିଦ ହୋଇଥିଲେ ।

*Desk*

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****